## ସଂକ୍ଷେପରେ

### ଗୋଟିଏ ରାତିରେ ୬ ମନ୍ଦିରରୁ ଚୋରି

ଭୁବନ,୨୬।୧୨
(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଓ କାମାକ୍ଷାନଗର ଥାନା ଅଞ୍ଚଳରୁ ରବିବାର ରାତିରେ ୬ଟି ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ସହିତ ବିଭିନ୍ନ ସରଞ୍ଜାମ ଚୋରି ହୋଇଛି। ଭୁବନ ଥାନା ଯମୁନାକୋଟ, ମାର୍ଥାପୁର ଓ କାମାକ୍ଷାନଗର ଥାନା ଦିଘି ପଞ୍ଚାୟତର ବିଭିନ୍ନ ମନ୍ଦିରରୁ ଚୋରି ହୋଇଛି। ଭୁବନ ଥାନା ଯମୁନାକୋଟ ପଞ୍ଚାୟତ ଯମୁନେଶ୍ୱର ମନ୍ଦିର ପରିସରରେ ଥିବା ହୁଣ୍ଡି, ମା' ପାର୍ବତୀଙ୍କ ମୁକୁଟ ଏବଂ ଟିକିଲି ଚୋରି ହୋଇଛି। ସେହିପରି ମାର୍ଥାପୁର ପଞ୍ଚାୟତ ଆଦିପୁରା ମଙ୍ଗଳା ମନ୍ଦିର, ମାର୍ଥାପୁର ବାଲୁଙ୍କେଶ୍ୱର ଶିବ ମନ୍ଦିର ଓ ମା' ପାର୍ବତୀଙ୍କ ମନ୍ଦିରରୁ ଚୋରି ହୋଇଛି। ଦିଘି ପଞ୍ଚାୟତ ମୁଗୁପଦା ମନ୍ଦିରରୁ ବହୁ ଅଳଙ୍କାର ଚୋରି ହୋଇଛି। ଦୁର୍ବୃତ୍ତମାନେ ଆଦିପୁରା ଓ ମାର୍ଥାପୁର ଗ୍ରାମର ମା' ତାରିଣୀଙ୍କ ବିଗ୍ରହରୁ ରୂପା ଆଖି ତାଡି ନେଇଯାଇଛନ୍ତି। ଏ ନେଇ ଭୁବନ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

## ବିଜେଡିର ପ୍ରତିଷ୍ଠା ଦିବସ: ଦଳ ଏକ ଆନ୍ଦୋଳନରେ ପରିଣତ ହୋଇଛି




ମିନି ଷ୍ଟାଡିୟମଠାରେ ବିଜେଡିର ପ୍ରତିଷ୍ଠା ଦିବସ ଅବସରରେ ଉପସ୍ଥିତ ଅତିଥିମାନେ।



କାମାକ୍ଷାନଗରଠାରେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ପତାକା ଦେଖାଇ ପଦଯାତ୍ରାକୁ ଶୁଭାରମ୍ଭ କରୁଛନ୍ତି।

ଢେଙ୍କାନାଳ,୨୬।୧୨(ରତନ ନାୟାର)/ପରଜଙ୍ଗ, (ନିଗମାନନ୍ଦ ଦଳବେହେରା) /ଭୁବନ,(ବିପିନ ବିହାରୀ ସେଠୀ)/ କାମାକ୍ଷାନଗର:(ସୁଧୀର ପରିଡ଼ା)

ଢେଙ୍କାନାଳ ବିଧାନସଭା ନିର୍ବାଚନ ମଣ୍ଡଳୀ ପକ୍ଷରୁ ମଙ୍ଗଳବାର ସହରସ୍ଥିତ ମିନି ଷ୍ଟାଡିୟମଠାରେ ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ବିଧାୟକ ସୁଧିର କୁମାର ସାମଲ ଯୋଗଦେଇ କହିଲେ, ବିଜେଡି ଏକ ଆନ୍ଦୋଳନରେ ପରିଣତ ହୋଇଛି। ସେବା ପାଇଁ ଦଳ ଆଗେଇ ଯାଇଛି। ନୂତନ ପିଢିମାନେ ୨୦୦୦ ମସିହା ପୂର୍ବରୁ ଓଡିଶା କ'ଣ ଥିଲା ଏବଂ ୨୦୦୦ରୁ ୨୦୨୩ ମସିହା ମଧ୍ୟରେ ଓଡିଶା କେଉଁ ସ୍ଥାନରେ ପହଞ୍ଚିଛି ସେହି ବିଷୟରେ ଜାଣିବା ଦରକାର। ଐତିହ୍ୟ ଓ ପର୍ଯ୍ୟଟନ ସ୍ଥଳି ଗୁଡିକର ରୁପାନ୍ତିକରଣ କରାଯାଉଛି। ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ସରକାର ଉଦ୍ୟମ ଜାରି ରଖିଛନ୍ତି। କର୍ମୀମାନେ ହେଲେ ଦଳର ମେରୁଦଣ୍ଡ। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ ଭାବେ ଦେଖିବା ପାଇଁ ସମସ୍ତେ କାର୍ଯ୍ୟ କରିବାକୁ ବିଧାୟକ ଆହ୍ୱାନ ଦେଇଥିଲେ। ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଦେବୀ ପ୍ରସାଦ ଭୁଟିଆଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ରାଜ୍ୟ ବିଜେଡି ସମ୍ପାଦକ ହର୍ଷବର୍ଦ୍ଧନ ସିଂହଦେଓ, ସୁରେନ୍ଦ୍ର ହେମ୍ବ୍ରମ, ଲକ୍ଷ୍ମୀଧର ସାହୁ, ସାଗରିକା ମିଶ୍ର, ସୁରଜ ମହାପାତ୍ର, ପ୍ରକାଶ କୁଅଁର, ପ୍ରଦୀପ ରାଉତ, ଜେଶସ ସାହୁ, ବିଶ୍ୱନାଥ ଚିନାରା, ଅଶୋକ କୁମାର ପରିଡା, ବିଶ୍ୱନାଥ ଜେନା, ରାଜଶ୍ରୀ ନାୟକ ଓ ରୀନାରାଣୀ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଧାୟକ, ଦଳୀୟ କର୍ମୀ ଓ ନେତୃବୃନ୍ଦଙ୍କୁ ସଂକଳ୍ପ ପାଠ କରାଇଥିଲେ। ଏଥିସହିତ ବିଧାୟକଙ୍କ ଜନ୍ମ ଦିବସ ଥିବାରୁ କର୍ମୀ ଓ ନେତୃବୃନ୍ଦଙ୍କ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଅଭିମନ୍ୟୁ ପଣ୍ଡା ଧନ୍ୟବାଦ ଦେଇଥିଲେ। ନରୋତ୍ତମ ସାହୁ, ଦେବାଶିଷ ମିଶ୍ର, ଶ୍ରୀକାନ୍ତ ଧଳ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ପରଜଙ୍ଗ ନିର୍ବାଚନ ମଣ୍ଡଳୀରେ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଜେଡି ତରଫରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଧାୟକ ନୃସିଂହ ଚରଣ ସାହୁ ଯୋଗଦେଇ ବିଭିନ୍ନ ପ୍ରକାର ବୃକ୍ଷରୋପଣ କରିବା ସହ ମେଡିକାଲରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମେଡିକାଲ ଅଧିକାରୀ ଡାକ୍ତର ସ୍ମୃତିରଞ୍ଜନ ବିଶ୍ୱାଳ, ଯୁବନେତା ଅସିତ୍ କୁମାର ରାୟ ଚୌଧୁରୀ, ଜିଲା ପରିଷଦ ଉପାଧ୍ୟକ୍ଷା ବିଳାସିନୀ ସେଠୀ, ଜିଲାପରିଷଦ ସଦସ୍ୟ ନିରାକାର ପ୍ରଧାନ, ଜିଲା ପରିଷଦ ସଦସ୍ୟ ରୁନୁ ବର୍ମା, କଙ୍କଡ଼ାହାଡ଼ ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର, ଗୌତମ ପାଣି, କୃଷ୍ଣଚନ୍ଦ୍ର ମହାନ୍ତି, ଭୂପେଶ ପ୍ରଧାନ, ସୁବ୍ରତ ଦାସ, ପ୍ରମୁଖ ଉପସ୍ଥିତ ଥିଲେ। ଭୁବନ ଏନ୍‌ଏସି ପଡିଆଠାରେ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଅନ୍ୟତମ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ପର୍ଯ୍ୟବେକ୍ଷକ ଆଶିଷ ଚକ୍ରବର୍ତ୍ତୀ, ଭୁବନ ଏନ୍‌ଏସି ନଗରପାଳ ଶୁଭେନ୍ଦୁ କୁମାର ସାହୁ, ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ, କାମାକ୍ଷାନଗର ନଗରପାଳ ଧର୍ମାନନ୍ଦ ପରିଡା, କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ନରେନ୍ଦ୍ର କୁମାର ସାହୁ, ରମେଶ ଚନ୍ଦ୍ର ସାହୁ, ଅଜୟ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। କାମାକ୍ଷାନଗର ବିଜେଡି ପକ୍ଷରୁ ମଙ୍ଗଳବାର ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରର ହନୁମାନ ମନ୍ଦିରଠାରେ ପୂଜାର୍ଚ୍ଚନା ପରେ ବିଜୁ ପଟ୍ଟନାୟକ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଏକ ପଦଯାତ୍ରା କରାଯାଇ ସେଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟର ଅନ୍ତେବାସୀମାନଙ୍କୁ ଫଳବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, କାମାକ୍ଷାନଗର ନଗରପାଳ ଧର୍ମାନନ୍ଦ ପରିଡା, କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, କାମାକ୍ଷାନଗର ଏନ୍‌ଏସି ବିଜେଡି ସଭାପତି ଆଦିତ୍ୟ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ବାରିପଦା,୨୬।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବିଜେଡି ପକ୍ଷରୁ ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବାରିପଦା ବିଜୁ ପଟ୍ଟନାୟକ ଗୋଲାଇସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଦଳୀୟ ନେତା ଓ କର୍ମୀ ମାଲ୍ୟାର୍ପଣ କରିବା ପରେ ବିଜୁ ଭବନଠାରେ ଆୟୋଜିତ ପ୍ରତିଷ୍ଠା ସମାରୋହରେ ସାମିଲ ହୋଇଥିଲେ। ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଉପ-ବାଚସ୍ପତି ସାନନ୍ଦ ମାର୍ଣ୍ଡି, ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡା, ଦେବାଶିଷ ମାର୍ଣ୍ଡି, ନବୀନ ଓଡ଼ିଶାର ଜିଲା ସଂଯୋଜକ ସୁନୀଲ ଦାଶ, ଜିଲା କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି, ବାରିପଦା ନିର୍ବାଚନୀ ମଣ୍ଡଳୀ ସଂଯୋଜକ ପ୍ରଭାତ ନାୟକ, ବାରିପଦା ପୌରପାଳିକା ଉପ-ନଗରପାଳ ସୀମା ଦାସ, ଯୁବ ସଭାପତି ଅରୁଣ ବରାଡ, ଛାତ୍ର ସଭାପତି ସୁନୀଲ କୁମାର ନାୟକଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ।

### ପୋଖରୀରେ ବୁଡି ଯୁବକ ମୃତ

କାମାକ୍ଷାନଗର,୨୬।୧୨
(ଅମଜାଦ ଖାନ)

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ସୁରପ୍ରତାପପୁର ଫାଣ୍ଡି ଅନ୍ତର୍ଗତ ମାର୍ଥାପୁର ଗ୍ରାମର ଅନିଲ ଦେହୁରୀ (୨୫) ପୋଖରୀରେ ବୁଡି ପ୍ରାଣ ହରାଇଛନ୍ତି। ଅନିଲ ସୋମବାର ସନ୍ଧ୍ୟାରେ ଗ୍ରାମ ପୋଖରୀକୁ ଶୌଚ ପାଇଁ ଯାଇଥିବାବେଳେ ଗଭୀର ପାଣିରେ ବୁଡି ଯାଇଥିଲେ। ସ୍ଥାନୀୟଲୋକେ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତିକରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସରକାରୀ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ

ଢେଙ୍କାନାଳ,୨୬।୧୨(ରତନ ନାୟାର)

ଢେଙ୍କାନାଳ ଜିଲା କଙ୍କଡାହାଡ ଦଣ୍ଡାଧର ଠାରେ ନିଖିଳ ଉତ୍କଳ ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଂଘ କୋଷାଧ୍ୟକ୍ଷ ତ୍ରିନାଥ ସେଠୀ ଓ ଉପଦେଷ୍ଟା ଦୀନବନ୍ଧୁ ମୁଦୁଲି ଏଥିରେ ଅଧ୍ୟକ୍ଷତା କରିଥିଲେ। ଢେଙ୍କାନାଳ ଜିଲା ଉପଦେଷ୍ଟା ପ୍ରମୋଦ ରାଉତ, ଜିଲା ସଂଘ ସଭାପତି ନିରଞ୍ଜନ ନାୟକ ଓ ଜିଲାର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବୈଠକକୁ କଙ୍କଡାହାଡ ସମ୍ପାଦକ ବିପ୍ରବର ମହାଲିକ ଓ ସଭାପତି ଦୁର୍ଯ୍ୟୋଧନ ସାହୁ ପରିଚାଳନା କରିଥିଲେ। ଜୁଲାଇ ୧୧ ତାରିଖରେ ୫-ଟି ଓ ମୋ ଓଡ଼ିଶା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ଦେଇଥିବା ୭ଦଫା ଦାବି ବିଷୟରେ ଆଲୋଚନା ହୋଇଥିଲା। ଆସନ୍ତା ୩୧ ତାରିଖ ସୁଦ୍ଧା ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘ ୫-ଟି ଓ ନବୀନ ଓଡିଶା ଅଧ୍ୟକ୍ଷଙ୍କୁ ଭୁବନେଶ୍ୱର କାର୍ଯ୍ୟାଳୟରେ ସାକ୍ଷାତ କରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। କଙ୍କଡାହାଡ ସମ୍ପାଦକ ବିପ୍ରବର ମହାଲିକ ଧନ୍ୟବାଦ ଦେଇଥିଲେ।



### ଧାନମଣ୍ଡି ଉଦ୍‌ଘାଟିତ

ମାଧପୁର,୨୬।୧୨
(ମନୋଜ ପ୍ରଧାନ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ କନ୍ଧପଡ଼ା ସେବା ସମବାୟ ସମିତିରେ ମଙ୍ଗଳବାର ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହି ମଣ୍ଡିକୁ ସମିତିର ସଭାପତି ପ୍ରକାଶ ସାହୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସମ୍ପାଦକ ବିନୋଦ ମହାଖୁଡଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦନ ହୋଇଥଲା। ପ୍ରଥମ ଦିନରେ ୧୯୩ କୁଇଣ୍ଟାଲ ଧାନ କ୍ରୟ ହୋଇଥିବା ଜଣାପଡ଼ିଛି। ଏହି ସମୟରେ ସମିତିର ସମସ୍ତ ନିର୍ଦ୍ଦେଶକ, ଆରଏମସି, କର୍ମଚାରୀ ଉପସ୍ଥିତ ଥିଲେ।

### ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ



ଜଣେ କୃତୀ ଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

କାମାକ୍ଷାନଗର,୨୬।୧୨(ସୁଧୀର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ୧୮ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ମୁଦୁଲି ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସରୋଜ କୁମାର ସାହୁ, ସମ୍ମାନିତ ଅତିଥି ଭାବେ କାମାକ୍ଷାନଗର ସାରଙ୍ଗଧର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଗବନ୍ଧୁ ଜେନା, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତାରାଣୀ ନାୟକ, ପଞ୍ଚାୟତରାଜ ଉଚ୍ଚ ବିଦ୍ୟାଳୟ କାନପୁରାର ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ, ଖବରଦାତା ସୁଧୀର କୁମାର ପରିଡା, କାମାକ୍ଷାନଗର କନିଷ୍ଠ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ସୁଶାନ୍ତ କୁମାର ପଣ୍ଡା, ମୁଖ୍ୟ ବକ୍ତା ଭାବେ ଯୋଗ ଶିକ୍ଷକ ବଂଶୀଧର ପାତ୍ର ଯୋଗ ଦେଇଥିଲେ। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏଥିରେ ଜୟନ୍ତୀ ଦେହୁରୀଙ୍କୁ ସର୍ବଶ୍ରେଷ୍ଠ ଶିକ୍ଷୟିତ୍ରୀ ଭାବେ ସମ୍ମାନିତ କରାଯାଇଥିଲା। ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ନାୟକ, ଅନିତା ସାହୁ, ଜୟନ୍ତୀ ଦେହୁରୀ, ସୋନାଲି ପରିଡା, ଝୁନା ବିଶ୍ୱାଳ, ରୁପାଲି ପରିଡା, ରଶ୍ମିତାପରିଡା ପ୍ରମୁଖ ପରିଚାଳନା କରିଥିଲେ।

### ଗଞ୍ଜେଇ ଜବତ ମାମଲା ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ଢେଙ୍କାନାଳ,୨୬।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଶିରିଡିହି ଗ୍ରାମରେ ଗଞ୍ଜେଇ ଜବତ ମାମଲାର ରାୟ ପ୍ରକାଶ କରି ସ୍ୱତନ୍ତ୍ର ଜଜ୍ ତଥା ଜିଲା ଦୌରାଜଜ୍ ଜଗଦୀଶ ପ୍ରସାଦ ମହାନ୍ତି ମାମଲାର ଅଭିଯୁକ୍ତ ତ୍ରିନାଥ ସାହୁଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ଗତ ୨୧।୦୪।୨୦୨୩ରେ ଶିରିଡିହି ଗ୍ରାମ ବ୍ରାହ୍ମଣୀ ଦେବୀ ମନ୍ଦିର ସମ୍ମୁଖରେ ଅବକାରୀ ମୋବାଇଲ ସ୍କ୍ୱାଡ୍ ପାଟ୍ରୋଲିଂ କରୁଥିବା ବେଳେ ତ୍ରିନାଥଙ୍କଠାରୁ ୧୬କେଜି ଗଞ୍ଜେଇ ଜବତ କରି ତାଙ୍କୁ ଗିରଫ କରିଥିଲା। ଏହି ମାମଲାର ସିଟି ସ୍ପେଶାଲ(ଏନ୍) ୮/୨୩ର ବିଚାର କରି ସ୍ୱତନ୍ତ୍ର ଜଜ୍ ତଥା ଜିଲା ଦୌରାଜଜ୍ ଜଗଦୀଶ ପ୍ରସାଦ ମହାନ୍ତି ଅଭିଯୁକ୍ତ ତ୍ରିନାଥ ସାହୁଙ୍କୁ ସାକ୍ଷ୍ୟ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଏହି ମାମଲାକୁ ବରିଷ୍ଠ ଆଇନଜୀବୀ କୃଷ୍ଣଚନ୍ଦ୍ର ସାହୁ ପରିଚାଳନା କରିଥିଲେ।

### ଢେଙ୍କାନାଳ ଜିଲାକୁ ନିମନ୍ତ୍ରଣ ପତ୍ର ପ୍ରଦାନ

**ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ**

ଢେଙ୍କାନାଳ,୨୬।୧୨(ରତନ ନାୟାର)

ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ, ଭବ୍ୟ ପ୍ରତିଷ୍ଠା ପୂଜା ଓ ଲୋକାର୍ପଣ ଉତ୍ସବ ନିମିତ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମଙ୍ଗଳବାର ଅପରାହ୍ନରେ ଢେଙ୍କାନାଳକୁ ଜିଲା କାର୍ଯ୍ୟାଳୟ ପରିସରରେ ଉତ୍ସବରେ ଯୋଗ ଦେବା ପାଇଁ ନିମନ୍ତ୍ରଣ ପତ୍ର ପ୍ରଦାନ କରାଯାଇଛି। ଶ୍ରୀଜଗନ୍ନାଥଙ୍କ ସେବାୟତ ନାରାୟଣ ମହାପାତ୍ର ଓ ନରସିଂହ ମହାପାତ୍ର, ପୁରୀ ଜିଲା ପ୍ରଶାସନ ଦ୍ୱାରା ନିଯୁକ୍ତ ନୋଡାଲ ଅଫିସର ସମ୍ପିତ ଆଚାର୍ଯ୍ୟଙ୍କୁ ନେଇ ଗଠିତ ପ୍ରତିନିଧି ମଣ୍ଡଳୀଙ୍କ ଦ୍ୱାରା ଏହି ନିୟନ୍ତ୍ରଣ ପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରାଯାଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶଚନ୍ଦ୍ର ସେଠୀ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଲଳିତ ମୋହନ ବେହେରା ଏହି ନିମନ୍ତ୍ରଣ ପତ୍ର ଗ୍ରହଣ କରିଥିଲେ। ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ। ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ପ୍ରତିଷ୍ଠା ପୂଜା ଓ ଲୋକାର୍ପଣ ଉତ୍ସବ ଆସନ୍ତା ଜାନୁୟାରୀ ୧୭ରେ ଅନୁଷ୍ଠିତ ହେବ ବୋଲି ପ୍ରତିନିଧି ମଣ୍ଡଳୀ ସୂଚନା ଦେଇଥିଲେ। ସେହିପରି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହି ନିମନ୍ତ୍ରଣ ପ୍ରଦାନ କରାଯାଇଥିବା କହିଥିଲେ। ପ୍ରତିନିଧି ମଣ୍ଡଳୀ ଜିଲା କାର୍ଯ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଲୋକକଳା ସଂଘ ଉପସଭାପତି ଅବନୀ ମିଶ୍ର ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଢେଙ୍କାନାଳ ଉପଜିଲାପାଳ ସପନ କୁମାର ନନ୍ଦ, କାମାକ୍ଷାନଗର ଉପଜିଲାପାଳ ନାରାୟଣଚନ୍ଦ୍ର ନାୟକ, ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର, ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ଶତପଥୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।



ପ୍ରତିନିଧି ମଣ୍ଡଳୀ ଢେଙ୍କାନାଳ ଜିଲା ପ୍ରଶାସନକୁ ନିମନ୍ତ୍ରଣ ପତ୍ର ପ୍ରଦାନ କରୁଛନ୍ତି।

### ବାଲ୍ୟବିବାହ ଉପରେ ପଥପ୍ରାନ୍ତ ନାଟକ

କାମାକ୍ଷାନଗର,୨୬।୧୨(ଅମଜାଦ ଖାନ)

ଢେଙ୍କାନାଳ ଜିଲା କାମାକ୍ଷାନଗର ହନୁମାନ ମନ୍ଦିର ସମ୍ମୁଖରେ ମହିଳା ଯୁକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ବାଲ୍ୟ ବିବାହ ଉପରେ ସଚେତନତା ମୂଳକ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ନିଗମାନନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ ଅଧ୍ୟାପିକା କର୍ମଚାରୀମାନେ ପରିଚାଳନା କରିଥିଲେ। କମ୍ ବୟସରେ ବିବାହ କରିବା ନାହିଁ ଭଳି ସଚେତନତା ସ୍ଲୋଗାନ ଦେଇଥିଲେ। ନୂଆ ଓଡିଶା ନବୀନ ଓଡିଶାର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମର ଏହି ପଥପ୍ରାନ୍ତ ନାଟକ ସମସ୍ତଙ୍କୁ ବେଶ ମୁଗ୍ଧ କରିଥିଲା।

### ସ୍ପିଡ୍ ସ୍କେଟିଂ ବର୍ଗରେ ଦେବାଂଶଙ୍କୁ କାଂସ୍ୟ ପଦକ

**ଜାତୀୟ ରୋଲର ସ୍କେଟିଂ ଚାମ୍ପିୟନଶିପ୍**

ଢେଙ୍କାନାଳ,୨୬।୧୨(ରତନ ନାୟାର)

ତାମିଲନାଡୁର ଚେନ୍ନାଇଠାରେ ଡିସେମ୍ବର ୧୫ରୁ ୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ୬୧ତମ ଜାତୀୟ ରୋଲର ସ୍କେଟିଂ ଚାମ୍ପିୟନଶିପ୍‌ରେ ଓଡିଶା ପାଇଁ ପ୍ରଥମ ପଦକ ଆଣିଛନ୍ତି ଢେଙ୍କାନାଳର ଏଆର ଦେବାଂଶ। ସେ ଢେଙ୍କାନାଳର ଅଜୟ ଭୂଷଣ ସାହୁଙ୍କ ଏକମାତ୍ର ପୁତ୍ର। ଦେବାଂଶ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ୮ମ ଶ୍ରେଣୀରେ ଅଧ୍ୟୟନରତ ଅଛନ୍ତି। ୧୫୦୦ ସ୍କେଟରଙ୍କ ମଧ୍ୟରେ ୧୪ବର୍ଷରୁ କମ୍ ବର୍ଗର ୫ହଜାର ରିକ୍ ଏଲିମିନେଶନ ରେସରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ସେ କାଂସ୍ୟ ପଦକ ହାସଲ କରିଥିଲେ। ଏହି ପଦକ ହାସଲ କରିବାରେ ସେ ହେଉଛନ୍ତି ପ୍ରଥମ ଓଡିଆ ବୋଲି ତାଙ୍କର ବଡବାପା ଅମୀୟ ଭୂଷଣ ସାହୁ ସୂଚନା ଦେଇଛନ୍ତି। ଏହି ସଫଳତା ପାଇଁ ଦେବାଂଶ ଦି ଉତ୍କଳ ୟିନିକର୍ନ ରୋଲର ସ୍ପୋର୍ଟସ୍ ଏକାଡେମୀର ପ୍ରଶିକ୍ଷକ ଏବଂ ଏଭିସ୍ ଫିଟନେସ୍ ତଥା ତାଙ୍କର ଗୁରୁ ମୁଖ୍ୟ ପ୍ରଶିକ୍ଷକ ଅଭିନାଶ ପାତ୍ରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।




ଏଆର ଦେବାଂଶ।

### ପୂର୍ବତନ ଏଏସ୍‌ଆଇଙ୍କୁ ୩ ବର୍ଷ ଜେଲ

**ଲାଞ୍ଚ ନେବା ମାମଲା**

ଢେଙ୍କାନାଳ,୨୬।୧୨(ରତନ ନାୟାର)

ଢେଙ୍କାନାଳ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ବିକ୍ରମ ପଟ୍ଟନାୟକ ଏକ ଲାଞ୍ଚ ନେବା ମାମଲାର ରାୟ ପ୍ରକାଶ କରି ଢେଙ୍କାନାଳ ଜିଲା ସୁରପ୍ରତାପପୁର ଫାଣ୍ଡିରେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିବା ପୂର୍ବତନ ଏଏସ୍‌ଆଇ ଗୌରାଙ୍ଗ ଚରଣ ଶତପଥୀଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହିତ ୨୦ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ସ୍ଥଳେ ୬ ମାସ ଅଧିକ କାରାଦଣ୍ଡାଦେଶ ଶୁଣାଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ଢେଙ୍କାନାଳ ଜିଲା ଗଁଦିଆ ଥାନା ଖଙ୍କର ଗ୍ରାମର ଗୌରାଙ୍ଗ ଚରଣ ଶତପଥୀ ଭୁବନ ଥାନା ସୁରପ୍ରତାପପୁର ଫାଣ୍ଡିରେ ଏଏସ୍‌ଆଇ ଭାବେ କାର୍ଯ୍ୟକରି ଅବସରଗ୍ରହଣ କରିଥିଲେ। ଗୌରାଙ୍ଗ ଗତ ୧୧।୦୯।୨୦୦୭ରେ ସୁରପ୍ରତାପପୁର ଫାଣ୍ଡିରେ ଏଏସ୍‌ଆଇ ଭାବେ କାର୍ଯ୍ୟ କରୁଥିବାବେଳେ ପୋଲିସ ଜବତ କରିଥିବା ଏକ କାଠ ବୋଝେଇ ଗାଡିକୁ ଛାଡି ଦେବା ପାଇଁ ରବି ନାରାୟଣ ସାହୁଙ୍କୁ ୧୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ରବି ନାରାୟଣ ତାଙ୍କୁ ୧୧ହଜାର ଟଙ୍କା ପ୍ରଦାନ କରିଥିଲେ। ପରେ ଭୁବନଠାରେ ଏକ ହୋଟେଲରେ ଆଉ ୪ହଜାର ଟଙ୍କା ପ୍ରଦାନ କରୁଥିବା ବେଳେ ଗୌରାଙ୍ଗ ଭିଜିଲାନ୍ସ ହାତରେ ଧରାପଡିଥିଲେ। ରବିଙ୍କ ଅଭିଯୋଗ କ୍ରମେ କଟକ ଭିଜିଲାନ୍ସରେ କେସ୍ ନଂ.୩୮/୨୦୦୭ରେ ଏକ ମାମଲା ରୁଜୁ ହୋଇଥିଲା। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ଭିଜିଲାନ୍ସ ପ୍ରସିକ୍ୟୁଟର ଗଦାଧର ସାହୁ ଓ ହେମନ୍ତ କୁମାର ଖଟୁଆ ପରିଚାଳନା କରିଥିଲେ।

### ଢେଙ୍କାନାଳକୁ ୧୧ ସ୍ୱର୍ଣ୍ଣ, ୨୭ ପଦକ

**ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା**



ଟାଏକୋଣ୍ଡୋ ପ୍ରତିଯୋଗିତା ଢେଙ୍କାନାଳର ପ୍ରତିଯୋଗୀମାନେ।

ଢେଙ୍କାନାଳ,୨୬।୧୨(ରତନ ନାୟାର)

ବ୍ରହ୍ମପୁର ସହର ବିଜୁ ପଟ୍ଟନାୟକ ସ୍ମୃତି ଭବନଠାରେ ୨୩ ଓ ୨୪ ତାରିଖ ଦୁଇଦିନ ଧରି ଆୟୋଜିତ ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ମାଷ୍ଟର କୋଚ୍ ସୌମ୍ୟବ୍ରତ ସାହୁଙ୍କ ନେତୃତ୍ୱରେ ଢେଙ୍କାନାଳକୁ ୧୧ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଓ ୧୧ଟି କାଂସ୍ୟ ସହିତ ମୋଟ୍ ୨୭ ପଦକ ମିଳିଛି। ଏହି ପ୍ରତିଯୋଗୀତାରେ ଓଡିଶାର ୧୭ଟି ଜିଲାରୁ ୪୫୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଯାଜ୍ଞାଶ୍ରୀ ଶତପଥୀ, ଅମ୍ରିତା ସାହୁ, ଶ୍ରେୟା ଶତପଥୀ, ଶୁଭ୍ରାଂଶୁ ଶେଖର ସାହୁ, ପ୍ରିୟାଂଶୁ ପ୍ରତୀକ କଅଁର, ସୁରଜ ବାହାଦୁର, ଆଦିତ୍ୟ ଘୋଷ, ସାହିଲ ଉଦ୍ଦିନ ଖାଁ, ଇସାନ ରାଉତ, ପି ଶ୍ରୀନିବାସ ଓ ସାହିଲ ପୃଷ୍ଟି ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ପ୍ରତିଯୋଗିତାରେ ଇନ୍ଦ୍ରଜିତ ସାହୁ ଓ ପ୍ରତାପ ନାୟକ ସହ କୋଚ ରହିଥିବାବେଳେ ଇପ୍ସିତା ଚୌଧୁରୀ ଓ ମୁକ୍ତିକାନ୍ତ ଦାସ ସହଯୋଗ କରିଥିଲେ। ଯୁଧିଷ୍ଠିର ସାହୁ ଟିମ୍ ମ୍ୟାନେଜର ଭାବେ ରହିଥିଲେ।

**ଜିଲ୍ଲା ଅବକାରୀ କାର୍ଯ୍ୟାଳୟ, କଟକ**

**ବିଜ୍ଞାପନ**

ପତ୍ର ସଂଖ୍ୟା–୧୪୮୪୯/ଅ. ତା.୨୨.୧୨.୨୩

No.D-ଏତଦ୍ୱାରା ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ଶ୍ରୀ ଜଗନ୍ନାଥ ବେହେରା, ପିତା-ସ୍ୱର୍ଗତ ରମାକାନ୍ତ ବେହେରା, ଗୋପୀନାଥ ମନ୍ଦିର ନିକଟ, ମାଛୁଆବଜାର, ପୋ-ବକ୍ସିବଜାର, ଥାନା-ମଙ୍ଗଳାବାଗ, ଜିଲ୍ଲା-କଟକଙ୍କ ନାମରେ କଟକ ଜିଲ୍ଲା ପଟ୍ଟାପୋଲଠାରେ ଥିବା ସରକାରୀ ଦେଶୀ ମଦ ଦୋକାନର ମାଲିକାନା ସ୍ୱତ୍ୱ ତାଙ୍କର ପୁତ୍ର ଶ୍ରୀ ଦୀପକ କୁମାର ବେହେରା, ପିତା-ଜଗନ୍ନାଥ ବେହେରା, ସା-ମାଛୁଆବଜାର, ପୋ-ବକ୍ସିବଜାର, ଥାନା-ମଙ୍ଗଳାବାଗ, ଜିଲ୍ଲା-କଟକଙ୍କ ନାମରେ ପରିବର୍ତ୍ତନ ହେବାକୁ ଯାଉଅଛି । ଏଣୁ ଏହି ନୋଟିସ୍ ଜରିଆରେ ଜଣାଇ ଦିଆଯାଉଅଛି କି ଯେ, ଶ୍ରୀ ଜଗନ୍ନାଥ ବେହେରାଙ୍କର ଏହି ଦୋକାନର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ବିରୁଦ୍ଧରେ କେହି ଦାବିଦାର ଥିଲେ, ଏହି କାର୍ଯ୍ୟାଳୟକୁ ସାତଦିନ ମଧ୍ୟରେ ଜଣାଇବେ । ଉକ୍ତ ତାରିଖ ପରେ କୌଣସି ଦାବିପତ୍ର ଗ୍ରହଣ କରାଯିବ ନାହିଁ ।

ଜିଲ୍ଲାପାଳ, କଟକଙ୍କ ନିର୍ଦ୍ଦେଶକ୍ରମେ
ସ୍ୱା./–ଅବକାରୀ ଅଧୀକ୍ଷକ, କଟକ

OIPR-36008/11/0003/2324

# ବିଜୟ ମନ୍ତ୍ର ଦେଲେ ନେତୃବୃନ୍ଦ

## ବିଜେଡିର ପ୍ରତିଷ୍ଠା ଦିବସ

ଅନୁଗୋଳ,୨୬।୧୨(ଅମିତ ସାମଲ)/ ବଣ୍ଡା(ପରିକ୍ଷିତସାହୁ)\ ତାଳଚେର(ମନୋଜ ନନ୍ଦ)

ଅନୁଗୋଳ ନିର୍ବାଚନ ମଣ୍ଡଳୀ ବିଜେଡି ତରଫରୁ ମଙ୍ଗଳବାର ଅଙ୍ଗାରବନ୍ଧ ସ୍ଥିତ ଚଣ୍ଡୀଖମଣ ଆମ୍ବତୋଟାଠାରେ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଅନୁଗୋଳ ପୌରପାଳିକା ବିଜେଡି ପକ୍ଷରୁ ଅନୁଗୋଳ ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ଠାକୁରାଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ସମୂହ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ବିଜୁ ମଇଦାନ ସ୍ଥିତ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଚଣ୍ଡୀଖମଣ ଆମ୍ବତୋଟାଠାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଯୁବ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ କୁନ ବିହାରୀ ଦାସ, ଅନୁଗୋଳ ଜିଲା ବିଜେଡି ସଭାପତି ମହେନ୍ଦ୍ର ବଢ଼ିଆ, ଅନୁଗୋଳ ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ସାହୁ, ବଣଁରପାଳ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥ, ଅନୁଗୋଳ ନଗରପାଳ ଅକ୍ଷୟ କୁମାର ସାମନ୍ତ, ଟାମଡା ଅଧ୍ୟକ୍ଷ ମୀନକେତନ ଅମାନ୍ତଙ୍କ ସମେତ ସମସ୍ତ ଜିଲାପରିଷଦ ସଭ୍ୟ ବୃନ୍ଦ, ସମସ୍ତ ଜୋନ ଓ ପୌରପାଳିକା ବିଜେଡି ପର୍ଯ୍ୟବେକ୍ଷକ, ସମସ୍ତ ବିଜେଡି କାଉନସିଲର ବୃନ୍ଦ, ସରପଞ୍ଚ, ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବିଜେଡିର ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ବଣଁରପାଳ ବ୍ଲକ ବଡକେରଜାଙ୍ଗ ପଞ୍ଚାୟତରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ୮୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ରାଜ୍ୟ ଯୁବ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ କୁନ ବିହାରୀ ଦାସ, ବିଜୁ ଯୁବ ଜନତା ଦଳର ଜିଲା ସଭାପତି ଦିନେଶ ପ୍ରଧାନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ଦିଲୀପ କୁମାର ପ୍ରଧାନ ଉପସ୍ଥିତ ଥିଲେ। ସେହିପରି ଆଠମଲ୍ଲିକ ବ୍ଲକ ଠାକୁରଗଡ଼ଠାରେ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବିଜେଡି ନେତା ମହେଶ୍ୱର ଦେହୁରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦିବସରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଚିନ୍ମୟ ସାହୁ, ଅନ୍ୟତମ ଅତିଥି ଭାବେ ବିଜେଡି ନେତା ନଳିନୀକାନ୍ତ ପ୍ରଧାନ, ଆଠମଲ୍ଲିକ ଏନ୍‌ଏସି ଅଧ୍ୟକ୍ଷା ଆଶା କୁମାରୀ ସାହୁ, କିଶୋରନଗର ବ୍ଲକ ଅଧ୍ୟକ୍ଷା ଶୈରେନ୍ଦ୍ରି ପ୍ରଧାନ, ଜିଲା ପରିଷଦ ସଦସ୍ୟା ଅନୁପମା ସାହୁ, ବିଷ୍ଣୁପ୍ରିୟା ପ୍ରଧାନ ଯୋଗଦେଇଥିଲେ। ଆଗାମୀ ଦିନରେ ପୁଣି ଥରେ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଗାଦିରେ ବସାଇବା ସହ କିଭଳି ସମସ୍ତ ଗ୍ରାମର ବିକାଶ ହେବ ସେ ନେଇ ନେତୃବୃନ୍ଦ କର୍ମୀମାନଙ୍କୁ ମନ୍ତ୍ର ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଜଲ ପଟ୍ଟନାୟକ, ଆଠମଲ୍ଲିକ ବ୍ଲକ ଅଧ୍ୟକ୍ଷ ଦୁଃସାଶନ ରାଉଳ, ଯୁବ ବିଜେଡି ବ୍ଲକ ସଭାପତି ଅରୁଣ କୁମାର ସାହୁ, ସରପଞ୍ଚ ଦୀପ୍ତିମୟୀ ସାହୁ, ଚାରୁଲତା ମିଶ୍ର, ନିରୋଜକାନ୍ତ ସାହୁ, ଜିତେନ୍ଦ୍ର ସାହୁ, ବିଜେଡି ନେତା ସନ୍ତୋଷ କୁମାର ପ୍ରଧାନ, ତପନ ପ୍ରଧାନଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ। ସେହିପରି ତାଳଚେର ନିର୍ବାଚନ ମଣ୍ଡଳୀ ପକ୍ଷରୁ ସ୍ଥାନୀୟ ଜଗନ୍ନାଥ କଳାକେନ୍ଦ୍ର କଲ୍ୟାଣ ମଣ୍ଡପଠାରେ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତାଳଚେର ପୌରପରିଷଦ ନଗରପାଳ ପବିତ୍ର ଭୁତିଆ, ସମବାୟ ସମିତି ସଭାପତି ସନ୍ତୋଷ ପ୍ରଧାନ, ବ୍ଲକ ଅଧ୍ୟକ୍ଷା ହେମାଲତା ମହାନ୍ତି, ଜିଲା ପରିଷଦ ସଦସ୍ୟା ସତ୍ୟଭାମା ସାହୁ, ଉପନଗରପାଳ ଶୁଭସ୍ମିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।


ବଡକେରଜାଙ୍ଗ ପଞ୍ଚାୟତରେ ଆୟୋଜିତ ରକ୍ତଦାନ ଶିବିରରେ ଉପସ୍ଥିତ ଅତିଥିମାନେ।


ଠାକୁରଗଡ଼ଠାରେ ବିଜେଡିର ପ୍ରତିଷ୍ଠା ଦିବସ ଅବସରରେ ଉପସ୍ଥିତ ଅତିଥିମାନେ।

# ୪୪ ଅଭିଯୋଗ ଶୁଣିଲେ ଜିଲାପାଳ

ଅନୁଗୋଳ,୨୬।୧୨(ଅମିତ ସାମଲ)

ଅନୁଗୋଳ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ମଙ୍ଗଳବାର ଜିଲାସ୍ତରୀୟ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଯୋଗଦେଇ ୪୪ ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରେ ୪୦ଟି ବ୍ୟକ୍ତିଗତ ଓ ୪ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗ ରହିଥିଲା। ସେହିପରି ୧୪ଟି ଅଭିଯୋଗର ଫଇସଲା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଜଣଙ୍କୁ ୧୦,୦୦୦ ହଜାର ଟଙ୍କା ଚିକିତ୍ସା ସହାୟତା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର, ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ହେମନ୍ତ କୁମାର ସିଂହଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।


ଶିବିରରେ ଉପସ୍ଥିତ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।

# ମା' ଲକ୍ଷ୍ମୀଙ୍କୁ ବିଦାୟଦେଲେ ବଣ୍ଡାବାସୀ


ମା'ଙ୍କୁ ପଟୁଆରରେ ଅଞ୍ଚଳ ପରିକ୍ରମା କରାଯାଉଛି।

ବଣ୍ଡା,୨୬।୧୨(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବଣ୍ଡାଠାରେ ଚାଲିଥିବା ମାଣବସା ଲକ୍ଷ୍ମୀପୂଜାର ଭସାଣି ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ମା'ଙ୍କୁ ଏକ ବିରାଟ ପଟୁଆରେ ବସାଇ ବଣ୍ଡା, କଦଳୀମୁଣ୍ଡା ଅଞ୍ଚଳ ପରିକ୍ରମା କରାଯିବା ପରେ ଚନ୍ଦନ ପୋଖରୀରେ ବିସର୍ଜନ କରାଯାଇଥିଲା। ଏଥିରେ ବାଣ, ପ୍ରଦର୍ଶନ କରାଯାଇଥିଲା। ନାମ ସଂକୀର୍ତ୍ତନ, ବାଜା ମାଧ୍ୟମରେ ମା'ଙ୍କୁ ବିଦାୟ ଦିଆଯାଇଥିଲା।

# ଅନୁଗୋଳ ଜିଲାରୁ ୨୦ ଖେଳାଳି ମନୋନୀତ

## ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା

ଅନୁଗୋଳ,୨୬।୧୨(ଅମିତ ସାମଲ)

ଆଜିଠାରୁ ଭଦ୍ରକ ଜିଲା ଅଗ୍ରସେନ ଭବନଠାରେ ୨୦ ତମ ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହା ୨ ଦିନ ଧରି ଚାଲିବ। ଏହି ପ୍ରତିଯୋଗିତାରେ ଅନୁଗୋଳ ଜିଲାରୁ ୨୦ ଜଣ ଖେଳାଳିଙ୍କ ସହ ୪ ଜଣ ବିଚାରକ ମନୋନୀତ ହୋଇଥିବା ଅନୁଗୋଳ ଟାଏକୋଣ୍ଡୋ ପ୍ରତିଷ୍ଠାତା ଓ ସାଧାରଣ ସମ୍ପାଦକ ଦୁଷ୍ମନ୍ତ କୁମାର ନାଥ ପ୍ରକାଶ କରିଛନ୍ତି। ରାଜ୍ୟ ବିଚାରକ ଭାବେ ଶ୍ରୀୟାଶ୍ରୀ ପ୍ରଧାନ, ଜେ. ସାହୁ, ସାଗର ଦେହୁରି, ପ୍ରୀତମ କୁମାର ସାହୁ ଏବଂ ମ୍ୟାନେଜର ଭାବେ ରଶ୍ମିତା ଶର୍ମା ଖେଳାଳିଙ୍କ ସହ ଭଦ୍ରକ ଅଭିମୁଖେ ଯାତ୍ରା କରିଛନ୍ତି। ସଭାପତି ନୀଳମଣି ରାଉତ, ଉପସଭାପତି ଶକ୍ତିପ୍ରାସାଦ ପଟ୍ଟନାୟକ, ଉପସଭାପତି ପର୍ଶୁରାମ ଦାସ, ଉପଦେଷ୍ଟା ପ୍ରଦୀପ ଦେବତା ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇନ୍ତି।


ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିବା ଖେଳାଳିମାନେ।

# ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ ଉତ୍ସବ

ସାତମାଇଲ,୨୬।୧୨(ସୁଶାନ୍ତ କୁମାର ପତି)

ଓଡ଼ାପଡ଼ା ବ୍ଲକ ଧଳପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ରବିନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ମୁଖ୍ୟ ବକ୍ତା ଭାବେ ବିଶ୍ୱ ହିନ୍ଦୁ ପରିଷଦ ସାଧାରଣ ସମ୍ପାଦକ ମହେଶ ସାହୁ, ଘନଶ୍ୟାମ ସାମଲ ଓ ପ୍ରତାପ କୁମାର ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଉମେଶ ଚନ୍ଦ୍ର ମିଶ୍ର ବିବରଣୀ ପାଠ କରିଥିଲେ। ସମ୍ପାଦକ ସନ୍ତୋଷ ରାଉତ ଓ ବିଦ୍ୟାଳୟର ସମସ୍ତ ଗୁରୁଜୀଗୁରୁମା ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମାନ୍ୟଗଣ୍ୟ ବ୍ୟକ୍ତି, ଛାତ୍ରୀଛାତ୍ରଙ୍କ ଅଭିଭାବକ ଯୋଗ ଦେଇଥିଲେ।

# କିଶୋରନଗର ଆଇଆଇସିଙ୍କୁ ସମ୍ବର୍ଦ୍ଧନା



ବଣ୍ଡା,୨୬।୧୨(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ଥାନାରେ ନୂତନ ଭାବେ ଯୋଗଦେଇଥିବା ଆଇଆଇସି ବିଭୁତି କୁମାର ପ୍ରଧାନଙ୍କୁ ସୋମବାର କିଶୋରନଗର ବିଜେଡି ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। କିଭଳି କିଶୋରନଗର ଅଞ୍ଚଳରେ ପୋଲିସ ଲୋକଙ୍କ ସମସ୍ୟା ସମାଧାନ କରିବା ସହ ପାଟ୍ରୋଲିଂ କଡାକଡି କରିବା ପାଇଁ ପ୍ରତିନିଧିମାନେ ଅନୁରୋଧ କରିଛନ୍ତି। ଲୋକଙ୍କୁ ସମସ୍ତ ପ୍ରକାର ସେବା ଯୋଗାଇ ଦିଆଯିବ ବୋଲି ଆଇଆଇସି ପ୍ରତିଶ୍ରୁତି ଦେଇଛନ୍ତି। ଏଥିରେ କିଶୋରନଗର ବ୍ଲକ ଉପାଧ୍ୟକ୍ଷ ଲବ କୁମାର ପ୍ରଧାନ, ସୁମିତ ପ୍ରଧାନ, ବିଭୁଦତ୍ତ ପ୍ରଧାନ, ରଞ୍ଜିତ ସାହୁ, ମନୋରଞ୍ଜନ ମାଝି, ତରଣୀ ସେନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ଗଣିତ ଦିବସ ପାଳିତ

ସାତମାଇଲ,୨୬।୧୨(ସୁଶାନ୍ତ କୁମାର ପତି)

ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଜାତୀୟ ଗଣିତ ଦିବସ ଓ 'ହାଓ ମ୍ୟାଥମେଟିକସ ମେଡ ଆୱାର ଲାଇଫ ଇଜି ଆଣ୍ଡ ବିୟୁଟିଫୁଲ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ବିଭାଗୀୟ ମୁଖ୍ୟ ରାଜକିଶୋର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନ ଯୋଗଦେଇ ଜାତୀୟ ଗଣିତ ଦିବସ ପାଳନ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ କୃଷ୍ଣଚନ୍ଦ୍ର ସାହୁ, ଅଧ୍ୟାପିକା ସୁସ୍ମିତା ଗିରି ଯୋଗ ଦେଇଥିଲେ। ଶେଷରେ ଛାତ୍ରୀ ଦୀପ୍ତିମୟି ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।




# ବାବା ଗୋବିନ୍ଦଦାସ କ୍ରିକେଟ କ୍ଲବ ଚାମ୍ପିୟନ

## ମୁକ୍ତାପଶି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ପରଜଙ୍ଗ,୨୬।୧୨
(ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ବ୍ଲକ ମୁକ୍ତାପଶି ଖେଳ ପଡ଼ିଆରେ ମୁକ୍ତାପଶି କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୩ ତମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ଅକ୍ଷୟ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ପରଜଙ୍ଗ ୨ ନଂ. ଜୋନ ଜିଲାପରିଷଦ ସଦସ୍ୟ ନିରାକାର ପ୍ରଧାନ, ମୁକ୍ତାପଶି ସରପଞ୍ଚ ସସ୍ମିତା ବିଶ୍ୱାଳ, ମୁକ୍ତାପଶି ବିଜେଡି ସଭାପତି ସର୍ବେଶ୍ୱର ବିଶ୍ୱାଳ, ୯ ୱାର୍ଡ ମେମ୍ବର ସୀତା ବିଶ୍ୱାଳ ଯୋଗ ଦେଇଥିଲେ। ଉଦ୍‌ଯାପନୀ ମ୍ୟାଚ ମୁକ୍ତାପଶି କ୍ରିକେଟ କ୍ଲବ ଓ ବାବା ଗୋବିନ୍ଦଦାସ କ୍ରିକେଟ କ୍ଲବ ବାରିହାପୁର ମଧ୍ୟରେ ଖେଳାଯାଇଥିଲା। ମୁକ୍ତାପଶି ଟିମ ପ୍ରଥମେ ବ୍ୟାଟିଂ କରି ୧୦୦ ରନ ସଂଗ୍ରହ କରିଥିଲା। ଜବାବରେ ବାବା ଗୋବିନ୍ଦଦାସ କ୍ରିକେଟ ଟିମ ୧୦୧ ରନ କରି ଚାମ୍ପିୟନ ହୋଇଥିଲା। ଶେଷରେ ଚାମ୍ପିୟନ ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରିଥିଲେ।


ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

# ଦୁର୍ଗାପୁର କପ୍ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଛେଣ୍ଡିପଦା,୨୬।୧୨(ଅଜିତ ଧଳ)

## ଟାଟା ଷ୍ଟିଲ ଟିମ୍ ଚାମ୍ପିୟନ

ଛେଣ୍ଡିପଦା ବ୍ଲକ ଦୁର୍ଗାପୁର ହାଇସ୍କୁଲ ପଡିଆଠାରେ ଉତ୍କଳ ଯୁବକ ସଂଘ ଏବଂ ପୁରାତନ ଛାତ୍ର ସଂସଦ ମିଳିତ ଆନୁକୂଲ୍ୟରେ ଚାଲିଥିବା ଜିଲାସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଟାଟା ଷ୍ଟିଲ ଟିମ ଏବଂ ସନ୍ତରାବନ୍ଧ ଟିମ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଟାଟାଷ୍ଟିଲ ଟିମ ୨-୧ ସେଟରେ ସନ୍ତରାବନ୍ଧ ଟିମକୁ ପରାସ୍ତ କରିବା ଚାମ୍ପିୟନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ମୁଖ୍ୟ ବକ୍ତା ଭାବେ ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ଭାନୁପ୍ରିୟା ପ୍ରଧାନ, ବରିଷ୍ଠ ନେତା ପ୍ରଦୀପ ସାହୁ, ସମବାୟ ସମିତି ସଭାପତି ବିଜୟ ମାଝି, ସମିତି ସଭ୍ୟା ରେଣୁବାଳା ସାହୁ, ଗ୍ରାମ ସଭାପତି ଗୋବିନ୍ଦ ଚନ୍ଦ୍ର ଶତପଥୀ, ଖବରଦାତା ଲମ୍ବୋଦର ସାହୁ, ସମରେଶ ନାଥ, ଦିଲୀପ ସାହୁ, ଅଜିତ କୁମାର ଧଳ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଉପସ୍ଥିତ ଅତିଥିମାନେ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ରେଫରୀ ଭାବେ ସଞ୍ଜୟ ସାହୁ, ଅମିତ୍ ସାହୁ, ସ୍କୋରର ଭାବେ ସନ୍ଦୀପ ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ। ନଗେନ ନାଥ ଧାରା ବିବରଣୀ ପ୍ରଦାନ କରିଥିଲେ। ଚିତ୍ତରଞ୍ଜନ ସାହୁ, ସଞ୍ଜୟ ସାହୁ, ଦୁର୍ଗାପ୍ରସାଦ ସାହୁ, ତ୍ରିଲୋଚନ ସାହୁ, ସୁମନ୍ତ ପ୍ରଧାନ, ସୁକାନ୍ତ ସାହୁ, ପ୍ରଦୀପ ସାହୁଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଭାଜପାରେ ସାମିଲ ହେଲେ ବିଜେଡି, କଂଗ୍ରେସ କର୍ମୀ


ଭାଜପାରେ ସାମିଲ ହୋଇଥିବା ଖଣ୍ଡହତା ଗ୍ରାମର ବିଜେଡି ଓ କଂଗ୍ରେସ କର୍ମୀମାନେ।

ଅନୁଗୋଳ,୨୬।୧୨(ଅମିତ ସାମଲ)

ଅନୁଗୋଳ ବିଧାନସଭା ନିର୍ବାଚନ ମଣ୍ଡଳୀ ୩ ନମ୍ବର ଜୋନ ଅନ୍ତର୍ଗତ ଖଲାରୀ ମଣ୍ଡଳ ଅଙ୍ଗରବନ୍ଧ ପଞ୍ଚାୟତ ଖଣ୍ଡହତା ଗ୍ରାମର ବହୁ ବିଜେଡି ଓ କଂଗ୍ରେସ କର୍ମୀ ସୋମବାର ଭାଜପାରେ ସାମିଲ ହୋଇଛନ୍ତି। ମିଶ୍ରପଡାସ୍ଥିତ ଭାଜପା କାର୍ଯ୍ୟାଳୟରେ ଆୟୋଜିତ ମିଶ୍ରଣ ପର୍ବରେ ଖଣ୍ଡହତା ଗ୍ରାମର ପୁରୁଖା ବିଜେଡି ଓ କଂଗ୍ରେସ ନେତା ସର୍ବଶ୍ରୀ ଅନିଲ ଗୋଛାୟାତ, ନାଉରି ଗୋଛାୟାତ, ଆଦିତ୍ୟ ଗୋଛାୟାତଙ୍କ ସମେତ ବହୁ ପୁରୁଷମହିଳା ଭାଜପାରେ ଯୋଗ ଦେଇଥିଲେ। ରାଜ୍ୟ ଭାଜପା ଓବିସି ମୋର୍ଚ୍ଚାର ସାଧାରଣ ସମ୍ପାଦକ ପ୍ରତାପ ଚନ୍ଦ୍ର ପ୍ରଧାନ ସେମାନଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ନେତା ଦିଲୀପ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ଜିଲା ସମ୍ପାଦିକା ନମିତା ଦଳବେହେରା, ଅନୁଗୋଳ ବିଧାନସଭାର ସଂଯୋଜକ ଦିଲ୍ଲୀପ ଦାସ, ଅଙ୍ଗରବନ୍ଧ ସରପଞ୍ଚ ସୁଜାତା ସାହୁ, ନାଏବ ସରପଞ୍ଚ ସୁରଥ୍ ଶୁଳ, ଭାଜପା ଅନୁଗୋଳ ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ଗୋପାଳ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

